# ସତ୍ୟବାକ୍ୟ

# THE WORD OF TRUTH

## JANUARY & FEBRUARY - 2013

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.18.JUN &FEB -2013.No-1

Published every two months in **Oriya** language for the Restoration of pure New Testament Christianity

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ **M.O.** ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

VOL - XVIII KAKINADA JAN-FEB-2013

## ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେବା
### (Finding favour in God's Sight)

ପୃଥିବୀର ଦୃଷ୍ଟତା ଅତି ବଡ ହେବାରୁ, ସଦାପ୍ରଭୁ ପରମେଶ୍ୱର ପୃଥିବୀକୁ ବିନଷ୍ଟ କରିବା ନିମନ୍ତେ ସଂକଳ୍ପ କଲେ । ଭୂମଣ୍ଡଳରୁ ମନୁଷ୍ୟଙ୍କୁ ଆଉ ମନୁଷ୍ୟ ସହିତ ପଶୁ, ପକ୍ଷୀ ସମସ୍ତଙ୍କୁ ଲୁପ୍ତ କରିବାକୁ ଉଦ୍ୟତ ହେଲେ, କିନ୍ତୁ ଧାର୍ମିକ ନୋହ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେଲେ । ପବିତ୍ର ଧର୍ମଶାସ୍ତ୍ର ତାହାଙ୍କ ବିଷୟରେ କହେ, "ନୋହ ଆପଣା ବର୍ତ୍ତମାନ ସମୟର ଲେକମାନଙ୍କୁ ମଧ୍ୟରେ ଧାର୍ମିକ ଓ ସାଧୁ ଥିଲେ, ନୋହ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ।" (ଆଦି ୬:୯) ।

ଆଜିର ଜଗତରେ ମଧ୍ୟ ଧାର୍ମିକତାର ଏକ ସ୍ଥାନ ଅଛି । ଅଧାର୍ମିକ ଜଗତକୁ ବିନଷ୍ଟ କରିବାକୁ ଉଦ୍ୟତ ହେବା ବେଳେ ସେ ଧାର୍ମିକମାନଙ୍କୁ ସେ ପାସରନ୍ତି ନାହିଁ । ପାପ ଏକ ଆତ୍ମିୟ ରୋଗ ସମାଜର କ୍ଷତ । ସଦାପ୍ରଭୁ ସେ ସମୟର ଜଗତକୁ ସେ ଯେପରି ନିରୀକ୍ଷଣ କରିଥିଲେ । ଆଜିର ଜଗତକୁ ନିରୀକ୍ଷଣ କରନ୍ତି । ନୋହ, ସଦାପ୍ରଭୁଙ୍କ ସହ ଗମନାଗମନ କଲେ ବୋଲି ଲିଖିତ ହୋଇଅଛି । ହନୋକ ଓ ନୋହ ଏହି ଦୁଇଙ୍କ ବିଷୟରେ "ସଦାପ୍ରଭୁଙ୍କ ସହ ମଗନାଗମନ" କଲେ ବୋଲି ପଢ଼ିଥାଉଁ । ସେମାନେ କିପରି ସଦାପ୍ରଭୁଙ୍କ ସହ ଗମନାଗମନ କରିଥିଲେ ? ଏହାର ଉତ୍ତର ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟରେ ପଢ଼ି ପାରିବା । ନୋହ ଏକ ଧାର୍ମିକ ଓ ସାଧୁ ବ୍ୟକ୍ତି ଥିଲେ । (ଆଦି ୬:୯) । ସେ ଏକ ସଦାପ୍ରଭୁଙ୍କ ଆଦେଶ ମାନ୍ୟ କରିବାରେ ଆଗ୍ରହୀ । ସଦାପ୍ରଭୁଙ୍କ ଆଜ୍ଞାନୁସାରେ ସମସ୍ତ କର୍ମ କରିଥିଲେ । ଏବ୍ରୀ ପୁସ୍ତକକର୍ତ୍ତା ତାହାଙ୍କ ବିଷୟରେ କହନ୍ତି, ବିଶ୍ୱାସ ଦ୍ୱାରା ନୋହ ସେ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାରର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି

ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ । (ଏବ୍ରୀ ୧୧:୭) ।

"ନୋହ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେଲେ ।" ତାହାଙ୍କ ଜୀବନ ସଦାପ୍ରଭୁଙ୍କ ସହ ତାହାଙ୍କ ସମ୍ବନ୍ଧର ସାକ୍ଷ୍ୟ ଦିଏ । ସେ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କଲେ ଓ ଆଜ୍ଞାବହ ହେଲେ । ସେ ଆପଣାକୁ ଅସ୍ୱୀକାର କରି, ସଦାପ୍ରଭୁଙ୍କ ଆଜ୍ଞାବହ ହୋଇଥିଲେ ।

ନୋହ ଓ ହନୋକଙ୍କର ଜୀବନ ନିସ୍ୱାର୍ଥପର ଜୀବନ । ସେମାନେ ସର୍ବଦା ସଦାପ୍ରଭୁଙ୍କୁ ସନ୍ତୁଷ୍ଟ କରିବାରେ ଚେଷ୍ଟିତ ଥିଲେ । ଆମ୍ଭେମାନେ ଆପଣା ଆପଣାକୁ ନମ୍ର କରି, ଖ୍ରୀଷ୍ଟିୟାନହୋଇ ପାରିବା ନାହିଁ । ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିବା ଦ୍ୱାରା ଆମ୍ଭେମାନେ ନୂତନ ସୃଷ୍ଟି ହୋଇ ପାରିବା । ନୂତନ ସୃଷ୍ଟି ହେବା ନିମନ୍ତେ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରି ବିଶ୍ୱାସ କରି ଆପଣା ପାପରୁ ମନପରିବର୍ତ୍ତନ କରିବା ଆବଶ୍ୟକ । ଆମ୍ଭମାନଙ୍କ ଜୀବନ ଓ ଜୀବନର ଗତି ନ ବଦଳାଇ ଖ୍ରୀଷ୍ଟିୟାନ ହୋଇ ପାରିବା ନାହିଁ । ଆମ୍ଭମାନଙ୍କ ପାପମୟ ଜୀବନରୁ ଫେରି, ପରମେଶ୍ୱରଙ୍କ ପ୍ରତି ଫେରୁ (ପ୍ରେରିତ ୨:୨୮, ଲୂକ ୧୩:୩, ଲକ ୨୪:୪୭) । ବାକ୍ୟ କହେ, "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।" (ରୋମୀୟ ୬:୩-୪) । "ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ । ତୁମ୍ଭମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୭) ।

ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ପ୍ରତ୍ୟେକଙ୍କ ଜୀବନ ପରିବର୍ତ୍ତନ ହୁଏ । "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରତନ ବିଷୟକୁ ଲୋପ ପାଇଅଛି । ଦେଖ, ନୂତନ ବିଷୟକୁ ହୋଇଅଛି ।"(୨ କରିନ୍ଥୀ ୫;୧୭) ।

ଖ୍ରୀଷ୍ଟଙ୍କ ଠାରେ ବିଜୟ ଅଛି । "କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ସେ ସବୁବେଳେ ଆମ୍ଭମାନଙ୍କୁ ଘେନି ଖ୍ରୀଷ୍ଟଙ୍କ ଠାରେ ବିଜୟ ଯାତ୍ରା କରୁ ଅଛନ୍ତି ।" (୨ କରିନ୍ଥୀ ୨:୧୪) । "ଅତଏବ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।" (ରୋମୀୟ ୮:୧) । ଖ୍ରୀଷ୍ଟଙ୍କ ଠାରେ ସମସ୍ତ ଆତ୍ମିକ

ଆଶୀର୍ବାଦ୍ ନିହିତ ଅଛି । ଆତ୍ମିୟ ଆଶୀର୍ବାଦର ଭଣ୍ଡାର ଯୀଶୁ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ନହୋଇ, ତାହାଙ୍କ ଦତ୍ତ ଆଶୀର୍ବାଦ ପାଇ ପାରିବା ନାହିଁ । "ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରି ଅଛନ୍ତି ।" (ଏଫିସୀ ୧:୩) ।

ଖ୍ରୀଷ୍ଟଙ୍କ ଠାରେ ନୂତନ ଜୀବନ ଅଛି । ପୂର୍ବବର୍ତ୍ତୀ ଜୀବନ ପାପମୟ ଥିଲା, କିନ୍ତୁ ବାପ୍ତିଜିତ ହୋଇ ଧାର୍ମିକତାର ଜୀବନ ଯାପନ କରୁଅଛୁ । ବାପ୍ତିଜିତ ହୋଇ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ରକ୍ତର ସଂପର୍କରେ ଆସନ୍ତି । ଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ପ୍ରତିଦିନ ପ୍ରତିପାପରୁ ମୁକ୍ତ କରେ । "କିନ୍ତୁ ସେ ଯେପରି ଜ୍ୟୋର୍ତିବାସୀ ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁଁ । ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧:୭) ।

ବାପ୍ତିଜିତ ହେବାରେ ଶୟତାନ ବିରୁଦ୍ଧରେ ଆମ୍ଭମାନଙ୍କ ଯୁଦ୍ଧ ଶେଷ ହୋଇନାହିଁ, କିନ୍ତୁ ଯୁଦ୍ଧର ପ୍ରାରମ୍ଭ ହୋଇଅଛି । ଖ୍ରୀଷ୍ଟଙ୍କ ଠାରୁ ଦୂରରେ ଥିବା ବେଳେ ଶୟତାନର ଶିଷ୍ୟ ଓ ଗୌରବ ବିହୀନ । କିନ୍ତୁ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ଶିଷ୍ୟ ଓ ଶୟତାନର ବରୋଧୀ ।

ଶୟତାନ ସହଜରେ ହାରମାନେ ନାହିଁ । ସେ ମନୁଷ୍ୟକୁ ପ୍ରତ୍ୟେକ ସମୟରେ ପରୀକ୍ଷା କରେ । ସେ ପ୍ରତାରଣାର ଜନକ । ଖ୍ରୀଷ୍ଟଙ୍କ ଠାରେ ଜନ୍ମଗ୍ରହଣ କରିବା ଯୀଶୁଙ୍କ ଶିଶୁ ପ୍ରତାରଣା କରିବାରେ ସେ ଅଭ୍ୟସ୍ତ । ଆତ୍ମୀୟ ଜୀବନରେ ଶିଶୁ ନିମନ୍ତେ ଖ୍ରୀଷ୍ଟଙ୍କ ବାକ୍ୟ ହିଁ ସର୍ବୋତ୍କୃଷ୍ଟ ଦୁଗ୍ଧ । ଖ୍ରୀଷ୍ଟଙ୍କ ପଥରୁ ବିଚଳିତ ହେବାରୁ ରକ୍ଷା କରେ । ମୁଁ ସୁନ୍ନତ ପ୍ରାପ୍ତ ହେଉଥିବା ପ୍ରତ୍ୟେକ ଜଣକୁ ପୁନଃର୍ବାର ସାକ୍ଷ୍ୟ ହେଉଅଛି ଯେ, ସେ ସମସ୍ତ ବ୍ୟବସ୍ଥା ପାଳନ କରିବା ନିମନ୍ତେ ଦାୟୀ । ତୁମ୍ଭେମାନେ ଯେତେ ଲୋକ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଚାହୁଁଅଛ, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଠାରୁ ବିଛନ୍ନ ହୋଇଅଛି, ତୁମ୍ଭେମାନେ ଆତ୍ମାଙ୍କ ଦ୍ୱାରା ବିଶ୍ୱାସ ହେତୁ ଧାର୍ମିକତା ପ୍ରାପ୍ତିର ଆଶାରେ ଅପେକ୍ଷା କରୁଅଛୁଁ । (ଗାଲାତୀ ୫:୩-୪) ।

❋❋❋

# "... ପ୍ରଭୁ ତାଙ୍କର ହୃଦୟ ଫିଟାଇ ଦେଲେ ।"
## (Whose Heart the Lord Opened)

ମାକିଦନିଆ ଅଞ୍ଚଳର ଫିଲିପପୀ ନଗରର ଲୁଦିଆ ନାମ୍ନୀ ସ୍ତ୍ରୀଙ୍କ ମନପରିବର୍ତ୍ତନର କାହାଣୀ ଆମ୍ଭେମାନେ (ପ୍ରେରିତ ୧୬:୧୨, ୧୫) ପଢୁଥାଉଁ । ତାହାଙ୍କ ବିଷୟରେ "ପ୍ରଭୁ ତାଙ୍କର ହୃଦୟ ଫିଟାଇ ଦେଲେ" ବୋଲି ପଢୁଥାଉଁ ।

ଆମ୍ଭେମାନେ ଜୀବନରେ କଠିନ ହୃଦୟୀ ମନୁଷ୍ୟମାନେ ପରିବର୍ତ୍ତିତ ହେବା ଦେଖିଥାଉଁ । ଜଣେ କୃପଣ ଧନୀ ମନୁଷ୍ୟ ସ୍ୱାର୍ଥୀ ହୋଇ କେବଳ ଆପଣା ବିଷୟରେ ଆପଣା ଧନ ସମ୍ପଦର ସୁରକ୍ଷା ବିଷୟରେ ଚିନ୍ତିତ ଥିଲେ । ତାହାଙ୍କ ଅସୁସ୍ଥତା ଯୋଗୁଁ ମନବର୍ତ୍ତିତ କରି ଆପଣା ବିଳାସପ୍ରିୟ ଜୀବନ ବିଷୟରେ ଦୁଃଖିତ ହୋଇ ଦରିଦ୍ରମାନଙ୍କୁ ସାହାଯ୍ୟ କରିବାକୁ ଦୃଢ଼ ସଂକଳ୍ପିତ ହୋଇଥିଲେ । ତାହାଙ୍କ କଠିନ ହୃଦୟ ପରିବର୍ତ୍ତିତ ହୋଇ କୋମଳ ହୋଇଥିଲା । 'ପ୍ରଭୁ ତାହାଙ୍କ ହୃଦୟ ଫିଟାଇ ଦେଇଥିଲେ ।'

ବୃହତ୍ତକାୟ ମନୁଷ୍ୟ, କଠିନ ପରିଶ୍ରମୀ ମନୁଷ୍ୟମାନଙ୍କ ହୃଦୟ ଏକ କ୍ଷୁଦ୍ର ବାଳିକାର ସ୍ପର୍ଶରେ ତରଳି ଯାଇଥାଏ । ଲୁଦିଆଙ୍କ ପରିବର୍ତ୍ତନ ବିଷୟରେ ବାକ୍ୟ କହେ, "ପୁଣି ଥୁୟାଥୀରା ନଗରର ବାଇଗଣି ବସ୍ତ୍ର, ବିକ୍ରୟକାରିଣୀ ଲୁଦିଆ ନାମ୍ନୀ ଜଣେ ମହିଳା, ଯେ ଈଶ୍ୱର ଭକ୍ତା ଥିଲେ, ସେ ଆମ୍ଭମାନଙ୍କର କଥା ଶୁଣୁଥିଲେ । ସେ ଯେପରି ପାଉଲଙ୍କର କଥିତ ବିଷୟ ପ୍ରତି ମନୋଯୋଗ କରନ୍ତି । ଏଥିନିମନ୍ତେ ପ୍ରଭୁ ତାଙ୍କର ହୃଦୟ ଫିଠାଇ ଦେଲେ । ପୁଣି, ସେ ଓ ତାଙ୍କର ପରିବାର ବାପ୍ତିଜିତ ହେଲା ଉତ୍ତାରେ...।" (ପ୍ରେରିତ ୧୬:୧୪-୧୫) ।

ପ୍ରଭୁ କିପରି ଲୁଦିଆଙ୍କୁ ହୃଦୟ ଫିଟାଇ ଦେଇଥିଲେ ? ଆଜି ଯେପରି ଭାବେ ସେ ମନୁଷ୍ୟମାନଙ୍କ ହୃଦୟ ଫିଟାଉ ଅଛନ୍ତି । ଠିକ୍ ସେହିଭାବେ—ବାକ୍ୟ ପ୍ରଚାରିତ ହେବା ଦ୍ୱାରା । କ୍ଷମା, ସଂରକ୍ଷଣା, ସ୍ୱର୍ଗର ଭରସାର ବାର୍ତ୍ତା ମନୁଷ୍ୟମାନଙ୍କ ହୃଦୟ ସ୍ପର୍ଶ କରେ । ଏହା ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଲେଖନରେ ସ୍ପଷ୍ଟଭାବେ ବୁଝି ପାରିବା । "କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାରେ ଖଡ୍‌ଗଠାରୁ, ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଭାବର ସୂକ୍ଷ୍ମ ବିଚାରକ ଅଟେ ।" (ଏବ୍ରୀ ୪:୧୨) ।

ଆପଣ କି ଆପଣଙ୍କ ହୃଦୟ ପ୍ରଭୁଙ୍କ ଦ୍ୱାରା ଫିଟାଇବା ନିମନ୍ତେ ଆଶ୍ଚର୍ଯ୍ୟମୟ ସତ୍ୟ ଜାଣିବା ନିମନ୍ତେ ଓ ତାହଙ୍କ ପରିଚର୍ଯ୍ୟାର ଆନନ୍ଦ ଅନୁଭବ କରିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି ।

– *Glenn Colley*

❋❋❋

# ପିତାଙ୍କ ଇଚ୍ଛା ସାଧନ କରୁ

## (Doing the Father's will-Mathew 21:23-32)

ଯୀଶୁଖ୍ରୀଷ୍ଟ ଯିଶୁରୁଶାଲୟର ମନ୍ଦିର ମଧ୍ୟରେ ଭ୍ରମଣ କରୁଥିବା ସମୟରେ ପ୍ରଧାନ ଯାଜକ, ଶାସ୍ତ୍ରୀ ଓ ପ୍ରାଚୀନବର୍ଗ ତାହାଙ୍କ ନିକଟକୁ ଆସି ପଚାରିଲେ । "ତୁମ୍ଭେ କେଉଁ ଅଧିକାରରେ ଏ ସମସ୍ତ କରୁଅଛୁ? ଅବା ଏହାସବୁ କରିବାକୁ ତୁମ୍ଭକୁ କିଏ ଅଧିକାର ଦେଲା?" (ମାର୍କ ୧୧:୨୭) । ଯିହୂଦୀୟ ପ୍ରଜାମାନଙ୍କ ଉପରେ ସେମାନଙ୍କ ଆଧିପତ୍ୟ ସେମାନେ ହରାଇବାକୁ ଅନିଚ୍ଛୁକ ଥିଲେ । ତେଣୁ କରି ସେମାନେ ଯୀଶୁଖ୍ରୀଷ୍ଟଙ୍କୁ ଏହି ପ୍ରଶ୍ନ ପଚାରିଲେ ।

ମନପରିବର୍ତ୍ତନ କରିଥିବା ସୂତ୍ର :- ଯଦି ସେମାନେ ଯୀଶୁଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତି, ତେବେ ଯିହୂଦୀ ଅଧିକାରୀମାନଙ୍କ ପ୍ରଶ୍ନର ଉତ୍ତର ଦେବେ ବୋଲି ସେ ପ୍ରତିଜ୍ଞା କରିଥିଲେ । ଯୀଶୁଙ୍କ ପ୍ରଶ୍ନ ଥିଲା, ଯୋହନଙ୍କର ବାପ୍ତିସ୍ମ ସ୍ୱର୍ଗରୁ ନା ମନୁଷ୍ୟଠାରୁ..." (ମାର୍କ ୧୧:୩୦) । ଯୀଶୁଙ୍କ ପ୍ରଶ୍ନ ସେମାନଙ୍କୁ ବ୍ୟତିବ୍ୟସ୍ତ କରିଥିଲା । କାରଣ ଯଦି ସେମାନେ ଯୋହନଙ୍କ ବାପ୍ତିସ୍ମ ସ୍ୱର୍ଗରୁ ବୋଲି ଉତ୍ତର ଦିଅନ୍ତି, ତେବେ ସେ ପ୍ରଶ୍ନ କରିବେ ସେମାନେ କାହିଁକି ତାହାଙ୍କୁ ବିଶ୍ୱାସ କଲେ ନାହିଁ । ସେମାନେ ଯୋହନଙ୍କ ବାପ୍ତିସ୍ମ ଦ୍ୱାରା କିଅବା ଯୀଶୁଙ୍କ ବାପ୍ତିସ୍ମ ଦ୍ୱାରା ବାପ୍ତିଜିତ ହୋଇ ନଥିଲେ । (ଯୋହନ ୧:୬,୭,୧୫,୩୨-୩୪;୩:୨୨-୩୬; ୧୦-୪୦-୪୨) । ଅପରପକ୍ଷେ, ସେମାନେ ଯୋହନଙ୍କ ବାପ୍ତିସ୍ମ ମନୁଷମାନଙ୍କ ଠାରୁ ବୋଲି କହିବାକୁ ଭୀତ ହେଲେ, କାରଣ ଯୋହନଙ୍କୁ ପ୍ରଜାମାନେ ଭାବବାଦୀ ବିଶ୍ୱାସ କରୁଥିଲେ । ତେଣୁ ସେମାନେ ଯୀଶୁଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ, କିଅବା ଯୀଶୁ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ ।

ଯୀଶୁ, ଜଣେ ପିତାଙ୍କ ଦୁଇ ପୁତ୍ରଙ୍କ ଦୃଷ୍ଟାନ୍ତ ସେମାନଙ୍କୁ କହିଥିଲେ । ପ୍ରଥମ ବର୍ଗ-ସାଧାରଣ ଯିହୂଦୀୟ ପ୍ରଜା । ପିତା ପ୍ରଥମ ପୁତ୍ର ନିକଟକୁ ଯାଇ ଦାକ୍ଷାକ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ କହିଲେ, କିନ୍ତୁ ପ୍ରଥମ ପୁତ୍ର କ୍ଷେତ୍ରକୁ ଯିବାକୁ ନାସ୍ତି କଲେ । କରଗ୍ରାହୀ ଓ ବ୍ୟଭିଚାରିମାନେ ଆପଣା ଆପଣା ଦ୍ୱାରା ସଦାପ୍ରଭୁଙ୍କ ଆଜ୍ଞା ଲଂଘନ କଲେ । ପ୍ରଥମ ପୁତ୍ର ସଦୃଶ୍ୟ ସଦାପ୍ରଭୁଙ୍କ ଇଚ୍ଛାଆ ପାଳନ କଲେ ନାହିଁ ।

କିଛି ସମୟ ପରେ ପ୍ରଥମ ପୁତ୍ରର ମନପରିବର୍ତ୍ତନ କରି, ଆପଣା ପିତାଙ୍କ ଦାକ୍ଷାକ୍ଷେତ୍ରରେ କାର୍ଯ୍ୟ କରିବାକୁ ଗଲେ । ଠିକ୍ ସେହିପରି କରଗ୍ରାହୀ ଓ ବେଶ୍ୟାମାନେ ଯୋହନ ଶିକ୍ଷାରେ ମନପରିବର୍ତ୍ତନ କରି ବାପ୍ତିଜିତ ହେଲେ । (ମାଥିଉ ୩:୧-୬) । ଯୀଶୁଙ୍କ ଯିରୀହୋ ନଗର ଦେଇ ଯାଉଥିବା ସମୟରେ ଜକ୍କୀୟ ନାମକ ଏକ କରଗ୍ରାହୀଙ୍କ ସହ ତାହଙ୍କ ସାକ୍ଷାତ ହେଲା । ସେ ମନପରିବର୍ତ୍ତନ କରି, ଅନ୍ୟାୟରେ ଯଦି କୌଣସି ମନୁଷ୍ୟଠାରୁ ଅନ୍ୟାୟରେ କିଛି ଗ୍ରହଣ କରିଥାଏ, ଚାରି ଗୁଣ ଫେରାଇବାକୁ ଇଚ୍ଛୁକ ହେବାରୁ ଯୀଶୁ କହିଲେ, "କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସି ଅଛନ୍ତି ।" (ଲୂକ ୧୯:୧୦) । ଅର୍ଥାତ୍ ସାଧାରଣ ପ୍ରଜା ଈଶ୍ୱରଙ୍କ ବାକ୍ୟ ଶୁଣି, ମନପରିବର୍ତ୍ତନ କରି ପରମେଶ୍ୱରଙ୍କ ନିକଟକୁ ଫେରି ଆସିଲେ ।

ପିତାଙ୍କ ଇଚ୍ଛା ଅମାନ୍ୟ କରିଥିବା ପୁତ୍ର :- ଯୀଶୁଖ୍ରୀଷ୍ଟଙ୍କ ଦୃଷ୍ଟାନ୍ତର ଦ୍ୱିତୀୟ ପୁତ୍ରର, ଯିହୂଦୀୟ ପ୍ରଧାନ ଯାଜକ, ଶାସ୍ତ୍ରୀ ଓ ନେତାମାନଙ୍କ ପ୍ରତିବିମ୍ବ । ପିତାଙ୍କ ଦ୍ରାକ୍ଷାକ୍ଷେତ୍ରରେ କାର୍ଯ୍ୟ କରିବାକୁ ପୁତ୍ରକୁ କହିବାକୁ ସେ ସମ୍ମତ ହେଲେ କିନ୍ତୁ ଦ୍ରାକ୍ଷାକ୍ଷେତ୍ରକୁ ଗଲେ ନାହିଁ । ତାହାଙ୍କ ସଦୃଶ୍ୟ ଫାରୁଶୀମାନେ ଓ ନେତାମାନେ ପରମେଶ୍ୱରଙ୍କ ଆଦେଶ ପାଳନ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ଆପଣା ଆପଣା କର୍ମ ଦ୍ୱାରା ପରମେଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ନାହିଁ । (ମାଥିଉ ୩:୭-୧୨) । ମାଥିଉ ୨୩ତମ ଅଧ୍ୟାୟରେ ସେମାନଙ୍କ କପଟପଣ ବିଷୟରେ ବର୍ଣ୍ଣନା କରାଯାଇଅଛି । ସେମାନେ ଧାର୍ମିକତାର ଭୂଷଣ ଧାରଣ କରନ୍ତି । କିନ୍ତୁ ଅନ୍ତରରେ ପାପପୂର୍ଣ୍ଣ ଅଟନ୍ତି ।

ଯୀଶୁଙ୍କ ଦୃଷ୍ଟାନ୍ତର ଅର୍ଥ ସେମାନେ ଗ୍ରହଣ କରି ପ୍ରତ୍ୟୁତ୍ତର ଦେଲେ ନାହିଁ । ସେମାନେ କରଗ୍ରାହୀ ଓ ବେଶ୍ୟାମାନଙ୍କୁ ପାପୀ ବୋଲି ଘୃଣା କରୁଥିଲେ । କିନ୍ତୁ ପରମେଶ୍ୱରଙ୍କ ବାକ୍ୟପାଳନ କରି ସେମାନେ ଗ୍ରାହ୍ୟ ହୋଇ ଯାଇଥିଲେ । ସେମାନେ ବାପ୍ତିଜକ ଯୋହନଙ୍କୁ ଭାବବାଦୀ ରୂପେ ଗ୍ରହଣ କରିଥିଲେ । ଫାରୁଶୀ ଓ ନେତାମାନେ ପରମେଶ୍ୱରଙ୍କ ଭାବବାଦୀଙ୍କୁ ଅଗ୍ରାହ୍ୟ କରିଥିଲେ । କିନ୍ତୁ ଫାରୁଶୀ ଓ ନେତାମାନେ ପରମେଶ୍ୱରଙ୍କ ଭାବବାଦୀଙ୍କୁ ଅଗ୍ରାହ୍ୟ କଲେ । ଯୋହନ ଏକ ଧାର୍ମିକତାର ଜୀବନଯାପନ

କଲେ ସୁଦ୍ଧା, ତାହାଙ୍କୁ ନେତାମାନେ ପରମେଶ୍ୱରଙ୍କ ଲୋକ ରୂପେ ଅଗ୍ରାହ୍ୟ କଲେ । ଏତଦ୍ୱାରା ସେମାନଙ୍କ ହୃଦୟର କଠିନତା ପ୍ରକାଶିତ ହୋଇଥିଲା । ଯୀଶୁ, ସେମାନଙ୍କ ନିକଟରେ ତାଙ୍କର ଐଶ୍ୱରିକତାର ପ୍ରମାଣ ଦେବାର ଆବଶ୍ୟକତା ନଥିଲା । ବାପ୍ତିଜକ ଯୋହନଙ୍କୁ ଅଗ୍ରାହ୍ୟ କରିବା ସଦୃଶ୍ୟ, ସେମାନେ ଯୀଶୁଙ୍କୁ ଅଗ୍ରାହ୍ୟ କରିଥିଲେ । ତାହାଙ୍କ ଦ୍ରାକ୍ଷାକ୍ଷେତ୍ରରେ କର୍ମ କରିବା ନିମନ୍ତେ, ପରମେଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ ଜଣାନ୍ତି :-ଏହି ଦୃଷ୍ଟାନ୍ତ ଆମ୍ଭମାନଙ୍କ ନିମନ୍ତେ ଲିଖିତ ହେଇଅଛି । ପ୍ରତ୍ୟେକ ମନୁଷ୍ୟ, ମନପରିବର୍ତ୍ତନ କରିବା ନିମନ୍ତେ ଆହ୍ୱାନିତ ଅଟନ୍ତି । (୨୪:୪୬,୪୭, ୧ମ ତୀମଥି ୨:୪) । ଧାର୍ମିକତାର ଜୀବନଯାପନ ଯଥେଷ୍ଟ ନୁହେଁ । ଆମ୍ଭମାନଙ୍କୁ ତାହାଙ୍କ ଇଚ୍ଛା ମଧ୍ୟ ସାଧନ କରିବା ଆବଶ୍ୟକ । (ମାଥିଉ ୭:୨୧) । ପିତା ଯେପରି ଆପଣା ସନ୍ତାନମାନଙ୍କୁ ଆପଣା ଦ୍ରାକ୍ଷାକ୍ଷେତ୍ରକୁ ଯାଇ କାର୍ଯ୍ୟ କରିବା ନିମନ୍ତେ କହିଥିଲେ, ପିତା ପରମେଶ୍ୱର ତାହାଙ୍କ ସନ୍ତାନମାନଙ୍କୁ ଏହି ଜଗତରୂପ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଜଣାନ୍ତି । (ହିତ ୨୭:୧, ୨କରିନ୍ଥୀ ୬:୨) । ସ୍ୱର୍ଗୀୟ ପିତାଙ୍କ ଇଚ୍ଛା ସାଧନ ନକରି ସୁଦ୍ଧା ଆମ୍ଭେମାନେ ଧାର୍ମିକ ଗଣିତ ଇଚ୍ଛା କରୁଥାଉ ।

❋❋❋

## "...ଏହି ପରମେଶ୍ୱର ଅନନ୍ତକାଳ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି.."

### (This is our God forever and ever)

"କାରଣ ଏହି ପରମେଶ୍ୱର ଅନନ୍ତକାଳ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି, ସେ ମରଣ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପଥପ୍ରଦର୍ଶକ ହେବେ ।" (ଗୀତ ୪୮:୧୪) । ପ୍ରତ୍ୟେକେ ଏହି ମହାନ ପରମେଶ୍ୱର ବିଷୟରେ ଜ୍ଞାତ ହେଉ । ଅଜ୍ଞାତ ପରମେଶ୍ୱରଙ୍କୁ ପ୍ରେମ କରିବା, ବିଶ୍ୱାସ କରିବା, ସେବା କରିବା କିଅବା ଆରାଧନା କରିବା ଅସମ୍ଭବ । ତାହାଙ୍କ ଠାରେ ବିଶ୍ୱାସ ଆମ୍ଭମାନଙ୍କ ଜୀବନରେ ମୂଳଦୁଆ । "ଆଉ ବିଶ୍ୱାସ ଦ୍ୱାରା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।" (ଏବ୍ରୀ ୧୧:୬) ।

ତାହାଙ୍କ ସହ ପରିଚୟ ବଢ଼ାଇବା ଦ୍ୱାରା ପରମେଶ୍ୱରଙ୍କ ଠାରେ ଆମ୍ଭେମାନଙ୍କ ବିଶ୍ୱାସ ବୃଦ୍ଧି ହୁଏ । "ଏବେ ତୁମ୍ଭେ ତାହାଙ୍କ ସହିତ ପରିଚିତ ହୁଅ, ତହିଁରେ ଶାନ୍ତି ହେବ, ତଦ୍ଦ୍ୱାରା ମଙ୍ଗଳ ତୁମ୍ଭ ନିକଟରେ ଉପସ୍ଥିତ ହେବ ।" (ଆୟୁବ ୨୨:୨୧) ।

**ପରମେଶ୍ୱର ସ୍ୱୟଂ ଜୀବି (God is self existent) :-** "କାରଣ ପିତା ଯେପରି ସ୍ୱୟଂଜୀବି ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବି ହେବାକୁ ଦେଇ ଅଛନ୍ତି ।" (ଯୋହନ ୫:୨୬) । ପରମେଶ୍ୱର ସୃଷ୍ଟ ବିଷୟ ନୁହନ୍ତି କିନ୍ତୁ ସେ ସୃଷ୍ଟିକର୍ତ୍ତା ଅଟନ୍ତି । (ଆଦି ୧:୩୧) । ସେ ଅନାଦି ଓ ଅନନ୍ତ । ଯାତ୍ରା ୩:୧୪ କୁହାଯାଇଥିବା, 'ସ୍ୱୟମ୍ଭୁ' ସେ ଅଟନ୍ତି ।

**ପରମେଶ୍ୱର ଅନନ୍ତ ଜୀବି (God is enternal) :-** "ମାତ୍ର ସଦାପ୍ରଭୁ ଅନନ୍ତକାଳ ରାଜା ରୂପେ ଉପବିଷ୍ଟ ସେ ବିଚାରାର୍ଥେ ଆପଣା ସିଂହାସନ ପ୍ରସ୍ତୁତ କରିଅଛନ୍ତି ।" (ଗୀତ ୯:୭) । ସଦାପ୍ରଭୁ ସଦାକାଳରୁ ରହି ଅଛନ୍ତି ଓ ସଦାକାଳ ପର୍ଯ୍ୟନ୍ତ ରହିବେ । ସେ ଅନନ୍ତ ଜୀବନରେ ପିତା ଓ କର୍ତ୍ତା ଅଟନ୍ତି । ତାହାଙ୍କ ଆଜ୍ଞାବହ ପ୍ରଜାମାନଙ୍କୁ ସେ ଅନନ୍ତ ଜୀବନ ପ୍ରଦାନ କରନ୍ତି । (ଏବ୍ରୀ ୫:୫-୯) ।

**ପରମେଶ୍ୱର ଅସୀମ ଅଟନ୍ତି (God is infinite) :-** "ସଦାପ୍ରଭୁ ପରମେଶ୍ୱର ସର୍ବଜ୍ଞାନୀ, ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ଆକାଶ ଓ ପୃଥିବୀର ସର୍ବାଧିକାରୀ ଅଟନ୍ତି । ସଦାସର୍ବଦା ଆମ୍ଭମାନଙ୍କ ସହ ରହନ୍ତି ।" (ଗୀତ ୧୩୯) । ସେ ସର୍ବଜ୍ଞାନୀ (ଦାନିୟେଲ ୨:୨୨) । ସେ ସର୍ବଶକ୍ତିମାନ (ମାଥିଉ ୧୯:୨୦) ।

**ପରମେଶ୍ୱର ଅପରବର୍ତ୍ତନୀୟ ଅଟନ୍ତି (Unchangable) :-** "କାରଣ ଆମ୍ଭେ ସଦାପ୍ରଭୁ, ଆମ୍ଭର ପରିବର୍ତ୍ତନ ନାହିଁ, ଏହେତୁ ହେ ଯାକୁବ ବଂଶ, ତୁମ୍ଭମାନଙ୍କର ବିନାଶ ହୁଏ ନାହିଁ ।" (ମଲାଖି ୩:୬) । ପରମେଶ୍ୱରଙ୍କ ବ୍ୟକ୍ତିତ୍ୱ ତାହାଙ୍କ ସଂକଳ୍ପ ତାହାଙ୍କ ମନୋଭାବରେ ପରିବର୍ତ୍ତନ ଆସେ ନାହିଁ । ସେ ଏକ ସତ୍ୟ ଉତ୍ତମ ଦୟାଳୁ କୃପାଦାନ ପରମେଶ୍ୱର ଅଟନ୍ତି ତାହାଙ୍କ ଠାରେ ପରିବର୍ତ୍ତନ ନାହିଁ ।

"ନୀଳ ଆକାଶର ପଛରେ ଏକ ସର୍ବଶକ୍ତିମାନ ଈଶ୍ୱର ବାସ କରନ୍ତି । ସେ ଆକାଶ ମଣ୍ଡଳ ଓ ପୃଥିବୀର ସୃଷ୍ଟିକର୍ତ୍ତା ଓ ପାଳନ କର୍ତ୍ତା ଅଟନ୍ତି । ଶତ ଶତ ଶତାବ୍ଦୀ ପର୍ବେ ଭାବବାଦୀମାନେ ତାହାଙ୍କ ସ୍ୱର ଶୁଣିଲେ । ତାହାଙ୍କୁ ଆମ୍ଭେମାନେ ଜାଣିବା ଆବଶ୍ୟକ । ସେ ଆମ୍ଭମାନଙ୍କୁ ତାହାଙ୍କ ନିଶ୍ୱାସିତ ବାକ୍ୟ ଦ୍ୱାରା କଥା କହନ୍ତି । ପ୍ରତ୍ୟେକ ପ୍ରାଣୀର ଜୀବନ ତାହାଙ୍କ ହସ୍ତାଧୀନ । ତାହାଙ୍କ ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ପାପକ୍ଷମା ଓ ପରିତ୍ରାଣ ଆପଣା ପ୍ରାଣ ଢ଼ାଳି ଦେଲେ । ଆମ୍ଭେମାନେ ଯେପରି ଜୀବନ ପ୍ରାପ୍ତ ହେବୁ,

ସେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ ଓ ସେହି ଜୀବିତ ପରମେଶ୍ୱରଙ୍କ ଠାରେ ଆମ୍ଭମାନଙ୍କ ଜୀବନ ଅଛି । ଆମ୍ଭମାନଙ୍କ ଜୀବନ ଓ ମରଣ ତାହାଙ୍କ ହସ୍ତାଧୀନ । ସେହି ମହାନ ପରମେଶ୍ୱର ଆମ୍ଭମାନଙ୍କ ଆଶ୍ରୟ ଓ ଦୁର୍ଗ । ଆମ୍ଭେମାନେ କେତେ ଭାଗ୍ୟବାନ ଅଟୁଁ ।”

ଆମ୍ଭମାନଙ୍କ ପରମେଶ୍ୱର, ମହାନ ପରମେଶ୍ୱର ଅଟନ୍ତି । ତାହାଙ୍କ ଆଜ୍ଞାବହ ହେବା ଜ୍ଞାନଯୁକ୍ତ ଅଟେ । ଖ୍ରୀଷ୍ଟିୟାନ ହେବା ନିମନ୍ତେ ଆପଣଙ୍କୁ ନୂତନ ନିୟମରେ ବାକ୍ୟ ଶ୍ରବଣ କରି (ରୋମୀୟ ୧୦:୭) । ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କର । (ଏବ୍ରୀ ୧୧:୬), ଆପଣା ପାପ ବିଷୟରେ ମନପରିବର୍ତ୍ତନ କର । (ଲୂକ ୧୩:୩) । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ମନୁଷ୍ୟମାନଙ୍କ ନିକଟରେ ସ୍ୱୀକାର କର, ଏବଂ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୁଅ । (ପ୍ରେରିତ ୨୨:୧୦) ।

ଆମ୍ଭମାନଙ୍କ ପରମେଶ୍ୱର ସଦାକାଳ ପର୍ଯ୍ୟନ୍ତ ପରମେଶ୍ୱର ଅଟନ୍ତି । ତାହାଙ୍କ ଠାରେ ଆଜ୍ଞା ବହତାରେ ମନୁଷ୍ୟ ଆଶୀର୍ବାଦ ପ୍ରାପ୍ତ ହୁଏ ।

***–Charles Box***

❃❃❃

# ଦୁଇଟି ଦ୍ୱାର, ଦୁଇଟି ମାର୍ଗ

## (Two gates, two ways)

“ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଅସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।” (ମାଥିଉ ୭:୧୩,୧୪)

ଗୋଟିଏ ପରିସ୍ଥିତିରୁ କିଅବା ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପ୍ରବେଶ କରିବା ନିମନ୍ତେ ଦ୍ୱାରର ଆବଶ୍ୟକତା ପଡ଼ିଥାଏ । ପୂର୍ବକାଳରେ ବିଶାଳ ନଗରୀଗୁଡ଼ିକ ଉଚ୍ଚ ପ୍ରାଚୀର ଦ୍ୱାରା ବେଷ୍ଟିତ ହୋଇଥିବାରୁ, ସେହି ନଗରୀରେ ପ୍ରବେଶ କରିବା ନିମନ୍ତେ ଲୋକମାନେ ଦ୍ୱାର ମାଧ୍ୟମରେ ପ୍ରବେଶ କରୁଥିଲେ ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ, ନିବାସ କରିବା ସମୟରେ, ଦ୍ୱାରର ପ୍ରାଧାନ୍ୟତା ଜନସାଧାରଣ ଭଲ ରୂପେ ଜାଣିଥିଲେ । ଦ୍ୱାର ଦ୍ୱାରା ପ୍ରବେଶ ନିଷେଧିତ ହେଲେ

ସେମାନେ ନଗର ମଧ୍ୟକୁ ପ୍ରବେଶ କରି ଆବଶ୍ୟକ ବସ୍ତୁ କ୍ରୟ ବିକ୍ରୟ କରି ପାରୁନଥିଲେ । ଏତଦ୍ୱାରା ସେମାନେ ବାଣିଜ୍ୟରେ କ୍ଷତିଗ୍ରସ୍ତ ହେଉଥିଲେ । ନଗରରେ ବାସ କରୁଥିବା ବନ୍ଧୁବାନ୍ଧବମାନଙ୍କ ସହିତ ସାକ୍ଷାତ କରିପାରୁନଥିଲେ । ନଗରର ବାହାରେ ଶତ୍ରୁମାନଙ୍କ ଦ୍ୱାରା ଆକ୍ରମିତ ହେବାର ସମ୍ଭାବନା ମଧ୍ୟ ରହୁଥିଲା । ନଗରର ପ୍ରାଚୀର ମଧ୍ୟରେ ମନ୍ଦିର, ବିଦ୍ୟାଳୟ ପ୍ରଭୃତି ନିର୍ମିତ ହେଉଥିଲା । ଅତଏବ ଦ୍ୱାର ନିକଟରେ ଲୋକେ ପ୍ରବେଶ ନିଷେଧିତ ହେଲେ, ଅନେକେ ଉତ୍ତମ ବିଷୟରୁ ବଞ୍ଚିତ ହେଉଥିଲେ । ରାଜାମାନେ ନଗର ଦ୍ୱାର ନିକଟରେ ଉଚ୍ଚସ୍ତର ଅତିଥିମାନଙ୍କୁ ସ୍ୱାଗତ ଜଣାଉଥିଲେ । ଭାବବାଦୀ ଓ ଶିକ୍ଷକମାନେ ଦ୍ୱାର ନିକଟରେ ଈଶ୍ୱରଙ୍କ ସମାଚାର ପ୍ରକଟ କରୁଥିଲେ । ଏହି ପ୍ରକାରେ ପୁରାତନ ସମୟରେ ନଗର ଦ୍ୱାର ଅତି ପ୍ରାଧାନ୍ୟତା ଲାଭ କରିଥିଲା ।

ଏକ ବିଶାଳ ନଗରୀର ପ୍ରାଚୀରରେ ଅନେକ ଧରଣର ଦ୍ୱାରଗୁଡ଼ିକ ରହୁଥିଲା । ସବୁଠାରୁ ବଡ଼ ଦ୍ୱାରର ପ୍ରାଧାନ୍ୟତା ଅଧିକ ଥିଲା । ବଡ଼ ଦ୍ୱାରଗୁଡ଼ିକରେ ପ୍ରବେଶ ସହଜ ଥିବାରୁ ଅନେକେ ସେହି ଦ୍ୱାର ଦ୍ୱାରା ଯାତ୍ରା କରୁଥିଲେ । ସ୍ୱାଭାବିକ ଭାବେ ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ଅଧିକ ଭାବେ ବ୍ୟବହୃତ ହେଉନଥିଲା । କେବଳ ବିଶେଷ ସମୟରେ ଏପରି ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ବ୍ୟବହୃତ ହେଉଥିଲା ।

ଉପରୋକ୍ତ ମାଥିଉ ୭ମ ପଦର ବାକ୍ୟ, ଯୀଶୁଖ୍ରୀଷ୍ଟ ପୁରାତନ ବ୍ୟବସ୍ଥାର ସମୟରେ କିଅବା ମୋଶାଙ୍କ ବ୍ୟବସ୍ଥା ସମୟରେ ଆପଣା ଶିଷ୍ୟମାନଙ୍କୁ କହିଥିଲେ । କିନ୍ତୁ ଖ୍ରୀଷ୍ଟଙ୍କ ଶିକ୍ଷାର ସମୟ ପାରିଧି ନାହିଁ, ତେଣୁ କରି ଏହି ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣ ନିମନ୍ତେ, ଆମ୍ଭେମାନେ ଏକ ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରୁ । କିପରି ଏକ ବ୍ୟକ୍ତି ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରି ପରିତ୍ରାଣ ପାଇପାରେ ? ବିଶ୍ୱାସ (ଯୋହନ ୮:୨୪, ଏବ୍ରୀ ୧୧:୬) ମନପରିବର୍ତ୍ତନ (ଲୂକ ୧୩:୩, ପ୍ରେରିତ ୧୭:୩୦-୩୧) ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର (ପ୍ରେରିତ ୮:୩୭, ରୋମ ୯-୧୦) ଏବଂ ପାପକ୍ଷମା ନିମନ୍ତେ ବୁଡ଼ନ ଗ୍ରହଣ (ମାର୍କ ୧୬:୧୬, ପ୍ରେରିତ ୨:୩୮, ରୋମ ୬:୩-୫) ଏତଦ୍ୱାରା ଆମ୍ଭେମାନେ ଆତ୍ମିକଭାବେ ପରିବର୍ତ୍ତିତ ହୋଇଥାଉ । ଏକ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ସ୍ଥାନାନ୍ତରିତ ହେଉ । (୨ୟ କରିନ୍ଥୀ ୫:୧୭) ଏହି ଦ୍ୱାରରେ ପ୍ରବେଶ କରିବା ଦ୍ୱାରା ଆତ୍ମିକ ମୃତ୍ୟୁରୁ ମୁକ୍ତ ହୋଇ, ଆତ୍ମିକ ଜୀବନରେ ପ୍ରବେଶ କରୁ । (କଲସୀ ୨:୧୨-୧୩) ପରମେଶ୍ୱରଙ୍କ ରାଜ୍ୟରେ ନିବାସ କରିବାକୁ ସୁଯୋଗ ପାଉ ।

ସେଠାରେ ଆମ୍ଭମାନଙ୍କ ଆତ୍ମାର ସୁରକ୍ଷା ।

ଆଜିର ଦୁନିଆରେ ଆମ୍ଭେମାନେ ଅନେକ ପ୍ରକାରର ଦ୍ୱାର ଦେଖିବାକୁ ପାଉ । କେତୋଟି ପୁରାତନ ନଗରମାନଙ୍କରେ ଦ୍ୱାର ଅଛି । ଗୃହଦ୍ୱାର ଦ୍ୱାରା ଆମ୍ଭେମାନେ ଗୃହରେ ପ୍ରବେଶ କରୁ । ଅନେକ ସମୟରେ ଦେଶର ସୀମାରେ ଦ୍ୱାର ଦେଖିବାକୁ ପାଉ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ଦ୍ୱାର ଅଛି । ଏକ ଜୀବନ ଦ୍ୱାର ଓ ଏକ ମୃତ୍ୟୁର ଦ୍ୱାର ।

'ପଥ' ବା 'ମାର୍ଗ' ବିଷୟରେ ଆମ୍ଭେମାନେ ପ୍ରତ୍ୟେକେ ଜ୍ଞାତ ଅଟୁ । ବଣଜଙ୍ଗଲର ପଥର ଅନ୍ୟ ପାର୍ଶ୍ୱରେ କଅଣ ଅଛି, ଜାଣିନପାରୁ । ପାହାଡ଼ ପର୍ବତର ତିଖ ରାସ୍ତାରେ ଅଜାଗ୍ରତରେ ଚାଲିଲେ ବିପଦର ସମ୍ମୁଖୀନ ହେଉ । ନଗରର ରାସ୍ତାଗୁଡ଼ିକ ଅନେକ ଅର୍ଥ ବ୍ୟୟରେ ମନୁଷ୍ୟମାନଙ୍କ ଉପଯୋଗୀ ରୂପେ ନିର୍ମିତ ହୋଇଥାଏ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ରାସ୍ତା ଅଛି । ଅନେକେ ଯାତ୍ରା କରୁଥିବା ପାପ ଓ ଆତ୍ମିକ ମରଣର ଓସାର ପଥ (ରୋମୀୟ ୩:୧୦-୨୦,୨୩) ଦ୍ୱିତୀୟଟି ଯୀଶୁଖ୍ରୀଷ୍ଟଙ୍କ ଆତ୍ମିକ ସଂକୀର୍ଣ୍ଣ ପଥ । (ଯୋହନ ୧୪:୬, ଏବ୍ରୀ ୧୦:୧୯-୨୨) ସତ୍ୟର ପଥ କେବେ ବି ସହଜ ନୁହେଁ । ସୁସମାଚାର ରୂପ ପାଦୁକା ପିନ୍ଧି ଖ୍ରୀଷ୍ଟଙ୍କ ମାର୍ଗରେ ଆମ୍ଭେମାନେ ଯାତ୍ରା କଲେ, ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା (କଲସୀ ୨:୬, ଏଫିସୀ ୬:୧୫) ଏତଦ୍ୱାରା ଆମ୍ଭେମାନେ ତାହାଙ୍କ ସୁସମାଚାର ଆଜ୍ଞାବହତା ହୋଇ ତାହାଙ୍କ ଶିକ୍ଷାରେ ଆଚରଣ କରୁ । (ମାଥିଉ ୭:୨୧, ୧ମ କରିନ୍ଥୀ ୧୫:୫୮, ୨ ଥେସ ୧:୮, ଏବ୍ରୀ ୮:୧୨-୧୪)

ପ୍ରଭୁଙ୍କ ସହଭାଗିତାରେ ଆମ୍ଭେମାନେ ଆଲୋକସ୍ୱରୂପ ହୋଇ ଆଲୋକରେ ଆଚରଣ କରୁ । (ଏଫିସୀ ୫:୮,୧୫) ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ । ତାହାଙ୍କ ପଦଚିହ୍ନରେ ଆଚରଣ କରୁ । (ଏବ୍ରୀ ୫:୮-୯, ୧ମ ପିତର ୨:୨୧-୨୫) ନୂତନ ନିୟମ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ କିପରି ଏ ଜୀବନରେ ଯାତ୍ରା କରିପାରିବା ଜ୍ଞାତ ହୋଇପାରିବା । (ଯୋହନ ୮:୩୧-୩୨, ୨ ପିତର ୧:୫) ପଶ୍ଚାତ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟଯୀଶୁଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗସ୍ଥ ଆହ୍ୱାନର ପଥ ପାଇବା ନିମନ୍ତେ ପ୍ରାଣ ପଣ କରି ଲକ୍ଷ୍ୟସ୍ଥଳକୁ ଦୌଡୁ । (ଫିଲିପୀ ୩:୧୪) ପଥ ବିଚଳିତ ହୋଇ ପଥରୁ ଯେପରି ଖସି ନ ପଡୁ । ଏଥି ନିମନ୍ତେ ଆମ୍ଭମାନଙ୍କ ବିଷୟରେ ବିଶେଷ ଯତ୍ନ ନେଉ । (୧ମ ଯୋହନ ୧:୭-୧୦, ୨ ପିତର ୧:୧୦-୧୧) ଏହି ଜଗତର କେବଳ ଦୁଇଟି ପଥ ଅଛି । ଜାଗତିକ

ଓ ଆତ୍ମିକ । ସନ୍ଧାନ ସହକାରେ ଆମ୍ଭେମାନେ ସତ୍ୟପଥରେ ଧାବମାନ ହେଉ ।

ଅନେକ ଶତାବ୍ଦୀ ପୂର୍ବେ ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ ମଣ୍ଡଳୀ ରୂପ ରାଜ୍ୟ ବିଷୟରେ, ଦ୍ୱାର ବିଷୟରେ ଭାବବାଣୀ ପ୍ରକଟ କରିଥିଲେ । ''ତୁମ୍ଭେମାନେ ଅଗ୍ରସର ହୁଅ, ନଗର-ଦ୍ୱାର ମଧ୍ୟଦେଇ ଅଗ୍ରସର ହୁଅ, ଲୋକମାନଙ୍କର ପଥ ପ୍ରସ୍ତୁତ କର । ଉଚ୍ଚ କର, ରାଜପଥ ଉଚ୍ଚ କର, ପ୍ରସ୍ତର ସବୁ ବାହାର କରି ସଂଗ୍ରହ କର, ଗୋଷ୍ଠୀ ସମୂହ ନିମନ୍ତେ ଏକ ଧ୍ୱଜା ଉଠାଅ । ଦେଖ, ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ, ତୁମ୍ଭର ପରିତ୍ରାଣ ଆସୁଅଛି, ଦେଖ, ତାହାଙ୍କ ପୁରସ୍କାର ତାହାଙ୍କ ସାଙ୍ଗରେ ଅଛି ଓ ତାହାଙ୍କ ପ୍ରତିଦାନ ତାହାଙ୍କ ସମ୍ମୁଖରେ ଅଛି । ପୁଣି, ଲୋକମାନେ ସେମାନଙ୍କୁ ପବିତ୍ର ଲୋକ, ସଦାପ୍ରଭୁଙ୍କର ମୁକ୍ତ ବୋଲି ଡାକିବେ, ଆଉ ତୁମ୍ଭେ ଅନ୍ୱେଷିତା, ଅପରିତ୍ୟକ୍ତା ନଗରୀ ବୋଲି ଖ୍ୟାତ ହେବ ।'' (ଯିଶାଇୟ ୬୨:୧୦-୧୨) 'ପବିତ୍ର ଲୋକ' 'ସଦା ପ୍ରଭୁଙ୍କ ମୁକ୍ତ' 'ଅନ୍ୱେଷିତା' ଓ 'ଅପରିତ୍ୟକ୍ତା' ନଗରୀ ହେବା ନିମନ୍ତେ ଆସ ଆମ୍ଭେମାନେ ସଂକୀର୍ଣ୍ଣ ଦ୍ୱାର ଓ କଠିନ ମାର୍ଗରେ ପ୍ରବେଶ କରୁ ।

ଜଗତରେ କେବଳ ଦୁଇଟି ଦ୍ୱାର ଓ ଦୁଇଟି ମାର୍ଗ ଅଛି । କେଉଁ ଦ୍ୱାରରେ ଆପଣ ପ୍ରବେଶ କରି ଅଛନ୍ତି ?

**- J.L. Leifeste**

❃ ❃ ❃

# ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନା ଜୀବନ

## (The Prayer Life of Jesus)

ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସଙ୍ଗେ ସଙ୍ଗେ ଯୀଶୁ ପ୍ରାର୍ଥନା କରୁଥିବାର ବିଷୟ ଆମ୍ଭେମାନେ ଲୂକ ୩:୨୧ ପଦରେ ପଢ଼ିଥାଉଁ । ଯଦିଓ ତାହାଙ୍କ ନୀରବ ପ୍ରାର୍ଥନା ଅନ୍ୟମାନଙ୍କୁ ଶୁଣାଯାଇନଥିଲା, ତାହାଙ୍କ ପ୍ରାର୍ଥନା ସ୍ୱର୍ଗସ୍ଥ ପିତା ଶ୍ରବଣ କରିଥିଲେ । ''ସମସ୍ତ ଲୋକ ବାପ୍ତିଜିତ ହେବା ଉତ୍ତାରେ ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା ସମୟରେ ଆକାଶ ଉନ୍ମୁକ୍ତ ହେଲା, ପୁଣି ପବିତ୍ର ଆତ୍ମା ଦୈହିକ ଭାବେ କପୋତ ପରି ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ । ଆଉ ଆକାଶରୁ

ଏହି ବାଣୀ ହେଲା, ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭ ଠାରେ ଆମ୍ଭର ପରମ ସନ୍ତୋଷ ।'' (ଲୁକ ୩:୨୧-୨୨)

ଯୀଶୁଙ୍କ ୩୩ ବର୍ଷର ଜୀବନରେ, କୌଣସି ଦିନ ମଧ୍ୟ ପ୍ରାର୍ଥନା ବିନୁ ଅସ୍ତ ହୋଇନଥିଲା । ଯୀଶୁଙ୍କ ଜୀବନର ଗୋଟିଏ ଘଟଣାରୁ ସେ ଶଯ୍ୟାରୁ ଉଠୁ ଉଠୁ ତାହାଙ୍କ କାର୍ଯ୍ୟ କଅଣ ଥିଲା ଜାଣିପାରୁ । ଥରେ ସେ ଶିମୋନ ପିତର ଆନ୍ଦ୍ରିୟଙ୍କ ଗୃହରେ ଅତିଥି ରୂପେ ରାତି ବିତାଇଥିଲେ । ସକାଳେ ଗୃହର ଲୋକେ ତାଙ୍କୁ ଶଯ୍ୟାରେ ନପାଇ ତାହାଙ୍କ ଅନୁସନ୍ଧାନ କଲେ, ''ସାକ୍ଷାତ ପାଇ ତାହାଙ୍କୁ କହିଲେ, ସମସ୍ତେ ଆପଣଙ୍କର ଅନ୍ୱେଷଣ କରୁଅଛନ୍ତି । (ମାର୍କ ୧:୩୬-୩୭) କାରଣ ଯୀଶୁ, ''ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।'' (ମାର୍କ ୧:୩୬)

ଯଦିଓ ଯୀଶୁଖ୍ରୀଷ୍ଟ ବିନାଶପ୍ରାପ୍ତ ହେବା ଲୋକଙ୍କୁ ଖୋଜି ପରିତ୍ରାଣ ଦେବା ନିମନ୍ତେ ଏ ଜଗତକୁ ଆସିଥିଲେ, (ଲୁକ ୧୯:୧୦), ସେ ନିରୋଳାରେ ବ୍ୟକ୍ତିଗତ ଭାବେ ପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । ଅନେକ ସମୟରେ ସେ ନିରୋଳାରେ ପର୍ବତ ଉପରେ ପ୍ରାର୍ଥନା କରୁଥିଲେ । (ଲୁକ ୬:୧୨, ମାର୍କ ୬:୪୬, ଯୋହନ ୬:୧୫) ସ୍ତ୍ରୀ ଓ ବାଳକବାଳିକା ବ୍ୟତୀତ ପାଞ୍ଚ ହଜାର ପୁରୁଷଙ୍କୁ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ତୃପ୍ତ ଭାବେ ଭୋଜନ କରାଇ, ଏକାନ୍ତ ଭାବେ ପ୍ରାର୍ଥନା କରିବାକୁ ପର୍ବତ ଉପରକୁ ଯାଇଥିଲେ । (ମାଥିଉ ୧୪:୧୯-୨୩) ଅନ୍ୟ ଏକ ସମୟରେ, ''........ବହୁ ସଂଖ୍ୟକ ଲୋକ ଶୁଣିବା ନିମନ୍ତେ ଓ ଆପଣା ଆପଣା ରୋଗରୁ ସୁସ୍ଥ ହେବା ନିମନ୍ତେ ଏକତ୍ର ହେବାକୁ ଲାଗିଲେ, ମାତ୍ର ସେ ନିର୍ଜନ ସ୍ଥାନରେ ରହି ପ୍ରାର୍ଥନା କରୁଥିଲେ । (ଲୁକ ୫:୧୫-୧୬)

ଆପଣା ବ୍ୟତୀତ ପ୍ରାର୍ଥନାରେ ପିତର ନିମନ୍ତେ ପ୍ରାର୍ଥନା କରିବାର ବିଷୟ ଆମ୍ଭେ ଲୁକ ୨୨:୩୧,୩୨ ପଦରେ ପଢ଼ିପାରୁ । ଯାହା କହେ,''ଶିମୋନ, ଶିମୋନ, ଦେଖ ଗହମକୁ ଚାଲୁଣୀରେ ଚଲାଇବା ପରି ଶୟତାନ ତୁମ୍ଭମାନଙ୍କୁ ଚଲାଇବାକୁ ଅନୁମତି ପାଇଅଛି କିନ୍ତୁ ତୁମ୍ଭର ବିଶ୍ୱାସ ଯେପରି ଲୋପ ନହୁଏ, ଏଥି ନିମନ୍ତେ ମୁଁ ତୁମ୍ଭ ନିମନ୍ତେ ନିବେଦନ କଲି ପୁଣି, ତୁମ୍ଭେ ଫେରିଲା ଉତ୍ତାରେ ଆପଣା ଭାଇମାନଙ୍କୁ ସୁସ୍ଥିର କର ।''

ତାହାଙ୍କ ବ୍ୟକ୍ତିଗତ ଦୈନିକ ପ୍ରାର୍ଥନା ସଙ୍ଗେ ସଙ୍ଗେ ସେ ଭୋଜନ କରିବା ପୂର୍ବେ ମଧ୍ୟ ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଥିଲେ । ଯାହାର ଉଦାହରଣ

ଆମେ ମାଥିଉ ୧୪:୧୯, ୧୫:୩୬, ଯୋହନ ୬:୧୧ ପଦଗୁଡ଼ିକ, ତଥା ମାଥିଉ ୨୬:୨୬-୨୭, ଲୁକ ୨୨:୧୭,୧୯, ୨୪:୩୦ ଗୁଡ଼ିକରେ ପଢ଼ିପାରୁ ।

''ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟସାଧନ କରେ'' ବୋଲି ଜାଣି (ଯାକୁବ ୫:୧୬), ଆପଣା ପ୍ରାଣ ମୃତ୍ୟୁଭୋଗ ଏକାନ୍ତ ଭାବେ ଥେସଲନୀକୀ ତୋଟାରେ ଜାନୁପାତି ପ୍ରାର୍ଥନା କରିଥିଲେ । (ମାର୍କ ୧୪:୩୪, ମାଥିଉ ୨୬:୩୬) ''........ଆବ୍ବା, ପିତଃ, ସମସ୍ତ ତୁମ୍ଭର ସାଧ୍ୟ, ଏହି ପାନପାତ୍ର ମୋ ଠାରୁ ଦୂର କର, ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ।'' (ମାର୍କ ୧୪:୩୬)

ଏହି ପାନପାତ୍ର ସୁଖର ଆନନ୍ଦର ପାନପାତ୍ର ନୁହେଁ, କିନ୍ତୁ ମର୍ମାନ୍ତିକ ଦୁଃଖ ଓ କ୍ଲେଶର ପାନପାତ୍ର । ତାହାଙ୍କ ଦୁଃଖ, କ୍ଲେଶ ଅତ୍ୟନ୍ତ ମର୍ମାନ୍ତିକ ଥିଲା । ସେ ଏକାଗ୍ରଭାବରେ ପ୍ରାର୍ଥନା କରିବା ସମୟରେ ତାହାଙ୍କ ଝାଳ ଘନ ରକ୍ତଟୋପା ପରି ଭୂଇଁରେ ପଡ଼ିଲା । ସମୁଦ୍ରରୁ ୨୫୦୦ ଫୁଟ ଉଚ୍ଚ ପର୍ବତ ଉପରେ, ରାତ୍ରି, ସମୟରେ କାହିଁକି ଝାଳ ବହି ପଡ଼ିଥିଲା ? ଯେ ତାହାଙ୍କୁ କ୍ରୁର ମୃତ୍ୟୁ ଠାରୁ ରକ୍ଷା କରିପାରିବାର ସମର୍ଥ, ତାହାଙ୍କ ନିକଟରେ ସେ ବିନତୀ କରି ଅଶ୍ରୁଜଳ ସହ ପ୍ରାର୍ଥନା କରିଥିଲେ । (ଏବ୍ରୀ ୫:୭)

ଯୀଶୁଖ୍ରୀଷ୍ଟଙ୍କ ରକ୍ତ ବ୍ୟତୀତ ମନୁଷ୍ୟର ପାପକ୍ଷମା ଅସାଧ ଥିବାରୁ, ପ୍ରେମମୟ ପିତା ଆପଣା ପୁତ୍ରଙ୍କର ପ୍ରାର୍ଥନା ଅଗ୍ରାହ୍ୟ କରିଥିଲେ । କାରଣ ଖ୍ରୀଷ୍ଟଙ୍କ ମୃତ୍ୟୁରେ ମାନବ ଜାତିର ପରିତ୍ରାଣ ସମ୍ଭବପର ହୋଇଅଛି । ଏତଦ୍ୱାରା ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦତ୍ତ ପରୀକ୍ଷାରେ ବିଜୟୀ ହୋଇ ତାହାଙ୍କ ଆଜ୍ଞାବହ ମାନଙ୍କ ଅନନ୍ତଜୀବନର କାରକ ହୋଇପାରିଅଛନ୍ତି । ଅବ୍ରାହମଙ୍କୁ ସଦାପ୍ରଭୁ ଆପଣା ପୁତ୍ରର ବଳିମାଗି, ତାହାଙ୍କ ପରୀକ୍ଷା ନେଇଥିବା ସଦୃଶ୍ୟ, ସଦାପ୍ରଭୁ ଯୀଶୁଙ୍କ ତଥା ଆମର ପରୀକ୍ଷା ନିଅନ୍ତି । (ଏବ୍ରୀ ୫:୯)

କ୍ରୁଶ ଉପରେ ଯୀଶୁଖ୍ରୀଷ୍ଟ ଉଚ୍ଚାରଣ କରିଥିବା ପଦଗୁଡ଼ିକ, ସଦାପ୍ରଭୁଙ୍କ ପ୍ରତି ତାହାଙ୍କ ପ୍ରାର୍ଥନା ଥିଲା । ପ୍ରଥମେ, ଯେଉଁମାନେ ତାହାଙ୍କୁ କ୍ରୁଶାର୍ପିତ କରିଥିଲେ, ସେମାନଙ୍କୁ କ୍ଷମା କରିବାକୁ ସେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ । ''ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ ।'' (ଲୁକ ୨୩:୩୪) ଦ୍ୱିତୀୟରେ ଦିନ ବାରଘଣ୍ଟା ସମୟରେ ଯୀଶୁ ଉଚ୍ଚସ୍ୱରରେ ପ୍ରାର୍ଥନା କରି କହିଲେ, ''ଏଲୀ, ଏଲୀ, ଲାମା ଶବକ୍ଥାନୀ ? ଅର୍ଥାତ୍, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ? ''(ମାର୍କ ୧୫:୩୩-୩୪) କ୍ଲେଶରେ

ପୀଡ଼ିତ ଯୀଶୁଖ୍ରୀଷ୍ଟ କିଛି ସମୟ ସଦାପ୍ରଭୁ ତାହାଙ୍କୁ ପରିତ୍ୟାଗ କରିଅଛନ୍ତି ବୋଲି ମନେ କରିଥିଲେ, କିନ୍ତୁ ଆମ୍ଭମାନଙ୍କ ଅପରିବର୍ତ୍ତନୀୟ ପରମେଶ୍ୱର ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିଙ୍କୁ ସେ କେବେ ବି ଛାଡ଼ିବେ ନାହିଁକି, ପରିତ୍ୟାଗ କରିବେ ନାହିଁ ।'' (ଦ୍ୱି :ବି ୩୧:୮, ଯିହୋଶୂୟ ୧:୫, ଏବ୍ରୀ ୧୩:୫)

''ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି ଏହା କହି ସେ ପ୍ରାଣତ୍ୟାଗ କଲେ ।'' (ଲୂକ ୨୩:୪୬) । ଏହା କ୍ରୁଶ ଉପରେ ତାହାଙ୍କ ଶେଷ ପ୍ରାର୍ଥନା ଥିଲା ।

**- HUGO McCORD**

❋❋❋

# ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ
## (Separated from God !)

''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରି ନପାରେ, କିଅବା ତାହାଙ୍କ କର୍ଣ୍ଣ ଭାରୀ ହୋଇ ନାହିଁ ଯେ, ତାହା ଶୁଣି ନପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।'' (ଯିଶାଇୟ ୫୯:୧,୨)

ବନ୍ଦୀତ୍ୱରୁ ମୁକ୍ତ ଇଶ୍ରାଏଲ୍ ସନ୍ତାନମାନଙ୍କ ସମସ୍ୟା ଶେଷ ହୋଇନଥିଲା କାରଣ ? ସେମାନେ କାହିଁକି ସାହାଯ୍ୟହୀନ ହୋଇଥିଲେ ?

**୧. ପରମେଶ୍ୱର ଅସମର୍ଥ ନୁହନ୍ତି :–** ଅନେକେ ଆପଣା ଆପଣା ସମସ୍ୟା ନିମନ୍ତେ ପରମେଶ୍ୱରଙ୍କୁ ନିନ୍ଦା କରନ୍ତି । ପରମେଶ୍ୱରଙ୍କ ହାତ କି ଛୋଟ ହୋଇଅଛି ଯେ, ତାହା ପରିତ୍ରାଣ କରି ନପାରେ ? ତାହାଙ୍କ କର୍ଣ୍ଣ କି ବଧିର ହୋଇଅଛି ? ସେ କି ଆମ୍ଭମାନଙ୍କ ପ୍ରାର୍ଥନା ଆଉ ଶୁଣନ୍ତି ନାହିଁ ? ପରମେଶ୍ୱର କାହାନ୍ତି ? ସେ ଆମ୍ଭମାନଙ୍କ ଠାରୁ କାହିଁକି ଦୂରରେ ଅଛନ୍ତି ? ଯଦି ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଦୂରରେ ଅଛନ୍ତି, ତେବେ ଆମ ନିକଟରେ କିଏ ଅଛି ?

**୨. ସମସ୍ୟା ? ପାପ ଯୋଗୁଁ :–** ଇଶ୍ରାଏଲୀୟମାନଙ୍କ ଜୀବନରେ ପ୍ରବେଶ କରିଥିଲା । ସେମାନଙ୍କ ଜୀବନ ବ୍ୟବସ୍ଥାହୀନ ହୋଇ ପଡ଼ିଥିଲା । ସେମାନେ

ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରିଥିଲେ । ସେମାନଙ୍କ ହସ୍ତ ରକ୍ତପାତରେ ରଙ୍ଗୀନ ହୋଇଥିଲା । ସେମାନେ ମନ୍ଦ କଳ୍ପନା କରି, ପାପ ପ୍ରସବ କରୁଥିଲେ । ତେଣୁକରି ପରମେଶ୍ୱର ସେମାନଙ୍କ ସଙ୍ଗ ପରିତ୍ୟାଗ କଲେ । ସେମାନଙ୍କ ଜୀବନ ଶୈଳୀରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ । ପାପ ଦ୍ୱାରା ସେମାନେ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଥିଲେ ଓ ସେମାନଙ୍କ କ୍ରନ୍ଦନ ସଦାପ୍ରଭୁଙ୍କ କର୍ଣ୍ଣଗୋଚର ନୋହିଲା ।

**୩. ଆଜିର ସମସ୍ୟା ସୁଦ୍ଧା ପାପ ଅଟେ :–** କେଉଁ ପାପ ଆଜିର ମନୁଷ୍ୟକୁ ସଦାପ୍ରଭୁଙ୍କ ଠାରୁ ଦୂରରେ ରଖେ ? ଯେଉଁସବୁ ପାପ ଇଶ୍ରାଏଲୀୟମାନଙ୍କୁ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ କରେ, ସେହିସବୁ ପାପ ଆଜିର ମନୁଷ୍ୟକୁ ସଦାପ୍ରଭୁଙ୍କ ଠାରୁ ବିଚ୍ଛିନ୍ନ କରେ । ପାଉଲ ସେଗୁଡ଼ିକୁ ‘‘ଶରୀରର କାର୍ଯ୍ୟ ରୂପେ ବର୍ଣ୍ଣନା କରିଅଛନ୍ତି,‘‘ଶରୀରର କାର୍ଯ୍ୟଗୁଡ଼ିକ ତ ସ୍ପଷ୍ଟରୂପେ ଜଣା ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ାକ, ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।’’ (ଗାଲାତୀ ୫:୧୯-୨୧)

ପ୍ରିୟ ପାଠକ, ଆପଣ କି ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛ ? ଆପଣଙ୍କ ଜୀବନରେ ଯଦି ପାପ ଅଛି, ଆପଣ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛନ୍ତି । ଆପଣ ମନପରିବର୍ତ୍ତନ କରନ୍ତୁ ବୋଲି ଭିକ୍ଷା କରୁଅଛୁ ! ପାପ ଠାରୁ ବିମୁଖ ହୋଇ, ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତୁ । ଆପଣ ଯଦି ସୁସମାଚାରର ଆଜ୍ଞାବହ ହୋଇନାହାନ୍ତି, ଆଜିହିଁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ପାପରୁ ମନପରିବର୍ତ୍ତନ କରି ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ବିଶ୍ୱାସ କରି ବାପ୍ତିଜିତ ହୁଅନ୍ତୁ । ଏହିପରି ଭାବେ ଆପଣ ପରମେଶ୍ୱରଙ୍କ ସହିତ ସମ୍ମିଳିତ ହୋଇପାରିବେ । (କଲସୀ ୧:୨୨) ଯଦି ଆପଣ ଖ୍ରୀଷ୍ଟିୟାନ ହୋଇ, ପାପ କରି ତାହାଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛନ୍ତି, ପରମେଶ୍ୱରଙ୍କ ନିକଟକୁ ଫେରି ଆସନ୍ତୁ । ଆପଣା ପାପ ସ୍ୱୀକାର କରି ପ୍ରାର୍ଥନା କରନ୍ତୁ ସେ ଆପଣଙ୍କୁ କ୍ଷମା କରିବେ । (ପ୍ରେରିତ ୮:୨୨, ୧ମ ଯୋହନ ୧:୮-୨୧)

**- Lay Mitchell**

❋❋❋

**Edited & Published by : Kabita & Joshua Gootam**

# LORD,OPEN OUR EYES

2 Kings 6:17

## INTRODUCTION:

1.Tell the story of how Elisha ovcrcame the King of Syria.
2.In this story he prayed that his scrvant's eyes might be opened so he could see that God's hand was greater that of the enemy.
3.Elisha explained, "Fear not: for they that be with us are more than they that be with them."
4.Our eycs are often closed to God and his will.
5.We need to pray that our eycs may be opencd that we may see.

## DISCUSSION:

*I. We Need Our Eyes Opened To God's Presence.*

1.God is over us.(Rom.9:5; Eph.4:6).
2.He holds us up with his everlasting hands.(Ps.37:24).
3.He is behind us.(Ps.139).
4.He goes before us.(Heb.13:5; Ps.142).
5.He takes us by his hand.(Ps.139:10)
6.He is in us.(I John 4:12)
7.He will go with us .(Matthew 28:20).
8.He will be with us.(Matthew 28:20).

*II. We Need Our Eyes Opend to God's Promises.*

1.We have reccived many precious promises from the Lord.(2Petcr 1:4).
2.The Lord is not slack concerning his promise.(2 Peter 3:9).
3.What he has promised, he is able to do.(Romans 4:21).
4.He is faithful that promised.(Hebrews 10:23).
5.We are partakers of the promises in Christ by the gospel.(Ephesians 3:6)
6.What are some of the promises?
a. That all things will be added to us.(Matthew 6:33).
b.That all things will work together for our good.(Romans 8:28,31,35-39).
c.All spiritual blessings given to us.(Ephesians 1:3).

*III We Need Our Eyes Opend to God's Blessings.(Eph.1:3;1Timothi.6:6-12).*

1.We often complain about all of our problems.
2.We are bad to worry.
a. Start young.
b.The tone of our voice is sad.
c.We enumerate all of the bad things that have happened to us.
d.We show this in our appearance and way of life.

3.To the contray,we have many blessings and should rejoice to have them.

4.List your blessings.

a. Life
b. Health
c. A family
d. A job.
e. Freedom.
f. The necessities of life.
g. Salvation.
h. All spiritual blessings.
i. The hope of a better life.

5. If God has promised to be with us and to help us them surely he knows our needs and will provide for them.

## CONCLUSION:

1. Have your eyes been opened?
2. Surely you can see things differently now.
3. It is amazing how different things look when when our are open.

***J.C.Choate.***

***Printed Book Only***

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)